ଆଡୋର୍ ସାମିଆ ପ୍ରାଇଭେଟ୍ ଲିମିଟେଡ

ବନାମ

ପୀକେ ହୋଲ୍ଡିଂ ଲିମିଟେଡ ଏବଂ ଅନ୍ୟମାନେ

ଅଗଷ୍ଟ 20,1999

[ଏସ୍.ବି.ମଜମୁଦାର ଏବଂ ଡି.ପି.ମହାପାତ୍ର, ନ୍ୟାୟମୂର୍ତ୍ତିଦ୍ୱୟ]

*ମଧ୍ୟସ୍ଥତା ଏବଂ ମିଳାମିଶା ଅଧିନିୟମ, 1996:*

*ଧାରା 11 (6) – ମଧ୍ୟସ୍ଥଙ୍କ ନିଯୁକ୍ତି – ମୁଖ୍ୟ ନ୍ୟାୟାଧୀଶ କିମ୍ବା ତାଙ୍କ ମନୋନୀତଙ୍କ ଦ୍ୱାରା ଆଦେଶ – ପ୍ରକୃତି – ଦର୍ଶାଯାଇଛି, ଧାରା 11(6) ଅଧୀନରେ ଆଦେଶ – ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ପ୍ରଶାସନିକ ପ୍ରକୃତିର ହେବା ହେତୁ ସିଧାସଳଖ କୌଣସି ଆପତ୍ତିର ସମ୍ମୁଖୀନ ହୋଇପାରିବ ନାହିଁ– ଅନୁଚ୍ଛେଦ 136 ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର :ସ୍ୱତନ୍ତ୍ର ଅନୁମତି ଆବେଦନ(ସି) ସଂଖ୍ୟା 10792 /1999

ଏ.ପି.ସଂଖ୍ୟା 288/1998 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 2.7.99 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ରାଜୀବ ଦତ୍ତ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏହି ସ୍ୱତନ୍ତ୍ର ଅନୁମତି ଆବେଦନ, ଆବେଦନକାରୀଙ୍କ ଦ୍ୱାରା ମଧ୍ୟସ୍ଥତା ଆବେଦନ ସଂଖ୍ୟା 288/1998 ରେ ବମ୍ବେ ଉଚ୍ଚନ୍ୟାୟାଳୟର ବିଜ୍ଞ ମୁଖ୍ୟ ନ୍ୟାୟାଧୀଶଙ୍କ ଆଦେଶକୁ ଆପତ୍ତି କରି ତାଙ୍କ ସମ୍ମୁଖରେ ମଧ୍ୟସ୍ଥତା ଏବଂ ମିଳାମିଶା ଅଧିନିୟମ 1996 (ସଂକ୍ଷେପରେ 'ଅଧିନିୟମ')ର ଧାରା 11 ଉପ-ଧାରା (6) ଅନୁଯାୟୀ ଆଗତ ହୋଇଛି ।

*ସୁନ୍ଦରମ୍ ଫାଇନାନ୍ସ ଲିମିଟେଡ୍ ବନାମ ଏନ୍.ଇ.ପି. ସିଇଣ୍ଡିଆ ଲିମିଟେଡ,* [1999] 2 SCC 479 ମାମଲାରେ ଏହି ନ୍ୟାୟାଳୟଙ୍କର ଏକ ଖଣ୍ଡପୀଠ ଦ୍ୱାରା ଏହା ଦର୍ଶାଯାଇଛି ଯେ, ଅଧିନିୟମର

ଧାରା 11 ଅନୁଯାୟୀ ଆଦେଶ ନ୍ୟାୟିକ ଆଦେଶ ନୁହେଁ । ବିବୃତିର ଅନୁଚ୍ଛେଦ 12 ରେ ପ୍ରାସଙ୍ଗିକ ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନରେ ଦିଆଯାଇଛି :

> “1996 ଆଇନ ଅନୁଯାୟୀ, ମଧ୍ୟସ୍ଥିଙ୍କ ନିଯୁକ୍ତି ଧାରା 11ର ବ୍ୟବସ୍ଥା ଅନୁଯାୟୀ କରାଯାଏ ଯାହା ମଧ୍ୟସ୍ଥିଙ୍କ ନିଯୁକ୍ତି ପାଇଁ ନ୍ୟାୟାଳୟକୁ ନ୍ୟାୟିକ ଆଦେଶ ଦେବାର ଆବଶ୍ୟକତା ରଖେ ନାହିଁ । ତେଣୁ, ଉଚ୍ଚନ୍ୟାୟାଳୟ ନୂତନ ଅଧିନିୟମ ଧାରା 4ର ବ୍ୟାଖ୍ୟା କରିବା ସମୟରେ 1940 ଅଧିନିୟମ ଏହି ବ୍ୟବସ୍ଥାଗୁଡ଼ିକୁ ଉଲ୍ଲେଖ କରିବାରେ ଭ୍ରମ କରିଥିଲେ ।
>
> ଏହା ଏବେ ସମ୍ପୂର୍ଣ୍ଣ ଭାବରେ ସ୍ଥିରୀକୃତ ହୋଇଛି ଯେ, ଧାରା 136 ଅନୁଯାୟୀ ଆବେଦନ ଭାରତର କ୍ଷେତ୍ରର ଯେକୌଣସି ନ୍ୟାୟାଳୟ କିମ୍ବା ନ୍ୟାୟଧିକରଣ ଦ୍ୱାରା ଗୃହୀତ କିମ୍ବା ପ୍ରଦାନ କରାଯାଇଥିବା ଯେକୌଣସି ମାମଲାରେ ଏକ ରାୟ, ଡିକ୍ରି, ନିର୍ଣ୍ଣୟ, ଦଣ୍ଡାଦେଶ କିମ୍ବା ଆଦେଶକୁ ଆପତ୍ତି କରିବା ପାଇଁ ସମର୍ଥନଯୋଗ୍ୟ ହୋଇପାରେ । ଯେହେତୁ ଅଧିନିୟମର ଧାରା 11(6) ଅନୁଯାୟୀ ବିଜ୍ଞ ମୁଖ୍ୟ ବିଚାରପତି କିମ୍ବା ତାଙ୍କ ପଦବୀରେ ଥିବା ବ୍ୟକ୍ତି ଉପରୋକ୍ତ ନିଷ୍ପତ୍ତିରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଘୋଷିତ ପ୍ରଶାସନିକ କ୍ଷମତାରେ କାର୍ଯ୍ୟ କରନ୍ତି, ଏହା ସ୍ପଷ୍ଟ ଯେ, ଏହି ନିର୍ଦ୍ଦେଶ କୌଣସି ନ୍ୟାୟିକ କାର୍ଯ୍ୟ କରୁଥିବା କୌଣସି ନ୍ୟାୟାଳୟ ଦ୍ୱାରା ପାରିତ କରାଯାଇ ନାହିଁ କିମ୍ବା ଏହା କୌଣସି ନ୍ୟାୟିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଦ୍ଧ ନ୍ୟାୟାଧିକରଣ ନୁହେଁ । *ଇଣ୍ଡୋ-ଚାଇନା ଷ୍ଟିମ୍ ନାଭିଗେସନ୍ କମ୍ପାନୀ ଲିମିଟେଡ୍ ବନାମ ଜସ୍ଜିତ୍ ସିଂ, ଅତିରିକ୍ତ ସୀମା ଶୁଳ୍କ ସଂଗ୍ରାହକ, ଏବଂ ଅନ୍ୟମାନେ* [1964]6 SCR594 ମାମଲାରେ ଧାରା 136 ଅନୁଯାୟୀ ଏପରି ଏକ ଆବେଦନର ଗ୍ରହଣଯୋଗ୍ୟତା ପ୍ରଶ୍ନ ବହୁ ଦିନ ପୂର୍ବେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ବିଚାରପୀଠ ଦ୍ୱାରା ନିଷ୍ପତ୍ତି କରାଯାଇଛି ।
>
> ପୃଷ୍ଠା 601ରେ ଉକ୍ତ ନିର୍ଣ୍ଣୟ ଏହି ନ୍ୟାୟାଳୟର ସାମ୍ବିଧାନିକ ବିଚାରପୀଠ ଗଜେନ୍ଦ୍ରଗଡ଼କର, ମୁଖ୍ୟ ନ୍ୟାୟାଧୀଶଙ୍କ ମାଧ୍ୟମରେ କଥାବାର୍ତ୍ତା କରି ନିମ୍ନଲିଖିତ ପ୍ରସୋଙ୍ଗଚିତ ମନ୍ତବ୍ୟ ଦେଇଛନ୍ତି :
>
> "ଏହି ନ୍ୟାୟାଳୟର ନିଷ୍ପତ୍ତି ଦ୍ୱାରା ଏହା ସ୍ଥିରୀକୃତ ହୋଇଛି ଯେ, ଧାରା 167 (12A) ଅନୁଯାୟୀ ଅଧିନିୟମ କରୁଥିବା ସୀମା ଶୁଳ୍କ ଅଧିକାରୀ ଏକ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ନୁହଁନ୍ତି, ଯଦିଓ ଏହା ମଧ୍ୟ ସ୍ଥିର ହୋଇଛି ଯେ, ଧାରା 52A କୌଣସି ଜାହାଜ ଦ୍ୱାରା ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଏହିପରି ଉଲ୍ଲଂଘନ ଦ୍ୱାରା ଉକ୍ତ ଜାହାଜ

ଧାରା 167(12A) ଅନୁଯାୟୀ ଜବତ ହେବା ପାଇଁ ନିଜକୁ ଦାୟୀ କରିଛି କି ନାହିଁ, ଏହି ପ୍ରଶ୍ନ ଉପରେ ବିଚାର କରି ସୀମା ଶୁଳ୍କ ଅଧିକାରୀଙ୍କୁ ଅର୍ଦ୍ଧ-ନ୍ୟାୟିକ ଢଙ୍ଗରେ ଅଧିନିୟମ କରିବାକୁ ପଡ଼ିବ ।

ପୃଷ୍ଠା 603ରେ ଏହା ନିମ୍ନମତେ ପର୍ଯ୍ୟବେକ୍ଷଣ କରାଯାଇଛି :

" ଫଳସ୍ୱରୂପ, ସୀମା ଶୁଳ୍କ ଅଧିକାରୀ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ନୁହନ୍ତି ବୋଲି ଆଉ ସନ୍ଦେହ କରିବା ସମ୍ଭବ ନୁହେଁ, ଯଦିଓ ଅଧିନିୟମ ଧାରା 167 ଅନୁଯାୟୀ ମାମଲାର ବିଚାର କରିବା ସମୟରେ ତାଙ୍କୁ ନ୍ୟାୟିକ ଢଙ୍ଗରେ କାର୍ଯ୍ୟକଳାପ କରିବାକୁ ପଡ଼ିବ । ଏହା ସ୍ୱୀକାର କରାଯାଇପାରେ ଯେ, କେନ୍ଦ୍ରୀୟ ରାଜସ୍ୱ ମଣ୍ଡଳୀ କିମ୍ବା କେନ୍ଦ୍ର ସରକାର ଅନୁଚ୍ଛେଦ 136 ର ଅର୍ଥ ମଧ୍ୟରେ ଏକ ନ୍ୟାୟାଳୟ ନୁହଁନ୍ତି ।

ପୃଷ୍ଠା 603 ରେ ଏହା ନିମ୍ନମତେ ପର୍ଯ୍ୟବେକ୍ଷଣ କରାଯାଇଛି :

" ଏହା ସ୍ପଷ୍ଟ ଯେ, ଅନୁଚ୍ଛେଦ 136 ଅନୁଯାୟୀ ଏହି ନ୍ୟାୟାଳୟରେ ଏକ ଅପିଲ ଗ୍ରହଣ କରିବା ପୂର୍ବରୁ, ଦୁଇଟି ସର୍ତ୍ତ ପୂରଣ କରିବାକୁ ପଡିବ; ଆକ୍ଷେପିତ ଆଦେଶ ଏକ ନ୍ୟାୟିକ କିମ୍ବା ଅର୍ଦ୍ଧ-ନ୍ୟାୟିକ ଚରିତ୍ରର ଆଦେଶ ହେବା ଆବଶ୍ୟକ ଏବଂ ଏହା କେବଳ ଏକ ପ୍ରଶାସନିକ କିମ୍ବା କାର୍ଯ୍ୟ ନିର୍ବାହୀ ଆଦେଶ ହେବା ଉଚିତ ନୁହେଁ; ଏବଂ ଉକ୍ତ ଆଦେଶ ଭାରତର ଅଞ୍ଚଳରେ ଏକ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ଦ୍ୱାରା ପାରିତ ହେବା ଉଚିତ । ”

ତେଣୁ ଏହି ସ୍ଥାୟୀ ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି, ଏହି ନିଷ୍କର୍ଷରୁ ନିକାଶ ପାଇବାର କୌଣସି ସମ୍ଭାବନା ନାହିଁ ଯେ, ଅଧିନୟମର ଧାରା 11(6) ଅନୁଯାୟୀ ବିଜ୍ଞ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ପ୍ରଶାସନିକ ପ୍ରକୃତିର ହୋଇଥିବାରୁ ଭାରତୀୟ ସମ୍ବିଧାନର ଧାରା 136 ଅନୁଯାୟୀ ସିଧାସଳଖ କୌଣସି ଆପତ୍ତିର ସମ୍ମୁଖୀନ ହୋଇପାରିବ ନାହିଁ । କେବଳ ଏହି ସଂକ୍ଷିପ୍ତ ଆଧାରରେ ଏବଂ ପକ୍ଷମାନଙ୍କ ମଧ୍ୟରେ ବିବାଦର ଗୁଣବତ୍ତା ଉପରେ କୌଣସି ମତ ପ୍ରକାଶ ନକରି ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଗ୍ରହଣଯୋଗ୍ୟ ନୁହେଁ ବୋଲି ପରିସମାପ୍ତି କରାଯାଇଛି ।

ଏହି ଆଦେଶକୁ ଆପତ୍ତି କରିବା ପାଇଁ ଆବେଦନକାରୀ ପାଖରେ ଯେଉଁ ସବୁ ଅନ୍ୟ ପ୍ରତିକାର ଉପଲବ୍ଧ ଅଛି, ସେସବୁ ଏହି ଆଦେଶ ଦ୍ୱାରା ପ୍ରଭାବିତ ହେବ ନାହିଁ ।

ଆର୍.ପି.                                                    ଆବେଦନର ପରିସମାପ୍ତି ଘଟିଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :  ଶୁଭଶ୍ରୀ ମିଶ୍ର**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**